# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 August - 2024**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତାମାସ ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ; ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସୂଚନା
- ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍-୨୦୨୦ରେ ରହିଥିବା ଅସଂଗତିର ଆବଶ୍ୟକ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ରାଜ୍ୟର ବିଭିନ୍ନ ପ୍ରାନ୍ତରେ ହର ଘର ତିରଙ୍ଗା ଅଭିଯାନ ଅଧିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ
- ଅଙ୍ଗଦାନ ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଅଙ୍ଗଦାନ ଦିବସ

ଏବଂ

- ଘଡ଼ଘଡ଼ି ସହ ବର୍ଷା ହେବାନେଇ ଆସନ୍ତା ୨୪ ଘଣ୍ଟା ପାଇଁ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇସାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ତେବେ ସାଧାରଣ ଲୋକଙ୍କଠାରୁ ଏଥିପାଇଁ ମତାମତ ଲୋଡାଯାଇଛି।  ସମଗ୍ର ରାଜ୍ୟରେ ୧୦ଟି କ୍ଲଷ୍ଟରରେ ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଉଛି। ମତାମତ ଆଧାରରେ ମାର୍ଗଦର୍ଶିକାରେ ଆବଶ୍ୟକ ସଂଶୋଧନ କରାଯାଇ ଏହାକୁ ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ଆସନ୍ତାମାସ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ସେ କହିଛନ୍ତି....

**- V/O –**

## ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍

ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦ରେ ଥିବା ଅସଙ୍ଗତିଗୁଡ଼ିକୁ ଆଇନଗତ ଓ ନିୟାମକ ଢାଞ୍ଚା ଅନୁଯାୟୀ ପରିବର୍ତ୍ତନ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏ ନେଇ ଏକ ପତ୍ର ମାଧ୍ୟମରେ ସେ ଅନୁରୋଧ କରି କହିଛନ୍ତି, ଓଡ଼ିଶାରେ ଶିକ୍ଷାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ଏଭଳି ସଂଶୋଧନ ଗୁରୁତ୍ୱପୂର୍ଣ୍ଣ। ତତ୍କାଳୀନ ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରଣୟନ କରିଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ନିୟମାବଳୀ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟର ପରିପନ୍ଥୀ ଦର୍ଶାଉଛି। ତେଣୁ, ରାଜ୍ୟର ଶିକ୍ଷାବିତ୍ ଏବଂ

ଶିକ୍ଷାନୁଷ୍ଠାନଗୁଡ଼ିକର ବିଶ୍ୱସନୀୟତାକୁ ବଜାୟ ରଖିବା ପାଇଁ ଏହି ସଂଶୋଧିତ ଆଇନ୍‌ର ପୁନର୍ବିଚାରର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ତିରଙ୍ଗା ଶୋଭାଯାତ୍ରା

୭୮ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ  ଗତ ୯ ତାରିଖରୁ  ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା 'ହର୍ ଘର୍ ତିରଙ୍ଗା' ଅଭିଯାନରେ ଦେଶବାସୀ ସାମିଲ ହୋଇଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ସକାଳେ ଏହି ଅଭିଯାନ ଅନ୍ତର୍ଗତ ଏକ ବାଇକ୍ ର୍ୟାଲିକୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରୁ  ଶୁଭାରମ୍ଭ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରେ 'ହର ଘର ତିରଙ୍ଗା'ର ଅଭିଯାନ ଅନ୍ତର୍ଗତ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ରାମେଶ୍ୱର ଷ୍ଟାଡିୟମ୍‌ଠାରେ ଏକ ତିରଙ୍ଗା ସମାରୋହ ଅନୁଷ୍ଠିତ ହୋଇଛି। ଜାତୀୟ ସଂହତି, ସହାବସ୍ଥାନ ଏବଂ ପ୍ରଗତିକୁ ଦେଶର ଉତ୍ତରପିଢ଼ିଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ କହିଥିଲେ। **ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ସଦର ମହାକୁମାଠାରେ ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରେଳବାଇ ଛକରୁ ବାହାରି ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧୀପାର୍କଠାରେ ଶେଷ

ହୋଇଥିଲା । ସମସ୍ତେ ନିଜ ବାସଗୃହରେ ଜାତୀୟ ପତାକା ଲଗାଇ 'ହର ଘର ତିରଙ୍ଗା' ଅଭିଯାନକୁ ସଫଳ କରିବାକୁ ଜିଲ୍ଲାପାଳ ପାରୁଲ ପଟୱାରୀ ଆହ୍ୱାନ ଦେଇଛନ୍ତି ।

**ନୟାଗଡ଼** ଜିଲ୍ଲା ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତ୍ରିରଙ୍ଗାର ମହନୀୟତା ଉପରେ ଉଦ୍‌ବୋଧନ ଦେଇଥିଲେ । ଏହି ଅଭିଯାନକୁ ସଫଳ କରିବାକୁ ଜାତୀୟ ପତାକା ସହ ଫଟୋ ଉଠାଇ 'ହରଘର ତିରଙ୍ଗା' ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବାକୁ ସଚେତନ କରାଯାଇଛି । **ଭଦ୍ରକ**ଠାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । **ଗଞ୍ଜାମ** ଜିଲ୍ଲା ଛତ୍ରପୁର ସଦର ମହକୁମାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ, ବ୍ଲକ୍ ଅଧ୍ୟକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । **ନୂଆପଡା** ଜିଲ୍ଲା ଖଡିଆଳ ବିଜ୍ଞପ୍ତି ଅଂଚଳ ପରିଷଦ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିରରୁ ବାହାରି ବ୍ଲକ୍ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା । **ବୌଦ୍ଧ**ଠାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । **ବଲାଙ୍ଗିର** ସଦର ମହକୁମାଠାରେ ଆୟୋଜିତ

ଶୋଭାଯାତ୍ରା କୋଶଳ କଳାମଣ୍ଡଳ ପଡିଆରୁ ବାହାରି ଭାଗୀରଥି ଛକ ପର୍ଯ୍ୟନ୍ତ ଯାଇଥିଲା ।

# ବିଶ୍ୱ ଅଙ୍ଗଦାନ ଦିବସ

ଅଙ୍ଗଦାନର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଅଙ୍ଗଦାନକୁ ନେଇ ଲୋକଙ୍କ ମନରେ ଥିବା ଭ୍ରାନ୍ତଧାରଣା ଦୂର କରିବା ହେଉଛି ଏହି ଦିବସର ଅନ୍ୟତମ ଲକ୍ଷ୍ୟ । ସମ୍ପୂର୍ଣ୍ଣ ସୁସ୍ଥ ଥିବା ୧୮ରୁ ୬୫ ବର୍ଷ ବୟସ୍କ ବ୍ୟକ୍ତି ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରିବେ । ସୂଚନା ଅନୁସାରେ, ରାଜ୍ୟର ୧୨ଟି ହସ୍ପିଟାଲକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ସରକାରୀ ସ୍ୱୀକୃତି ମିଳିଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଅଙ୍ଗଦାନ ପାଇଁ ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଅଙ୍ଗଦାତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଏ କ୍ଷେତ୍ରରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।

ଏହି ଦିବସ ଅବସରରେ **ସ୍ୱାସ୍ଥ୍ୟମନ୍ତ୍ରୀ** ମୁକେଶ ମହାଲିଙ୍ଗ ଅଙ୍ଗଦାତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଅଙ୍ଗଦାତାଙ୍କ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ, ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ରାଜ୍ୟରେ ସୂରଜ ପୁରସ୍କାର ପ୍ରଦାନ କରାଯାଇଥାଏ ।

## ପାଟ୍ରୋଲିଂ କଡାକଡି

ବାଂଲାଦେଶର ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସୀମାନ୍ତ ଜଳପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷାକର୍ମୀ ସଜାଗ ରହିଛନ୍ତି। ରାଜନଗର ଏବଂ ମହାକାଳପଡା ବ୍ଲକ୍‌ର ବଙ୍ଗଭାଷୀ ଅଧ୍ୟୁଷିତ ଅଂଚଳରେ ପୁଲିସ୍ ପକ୍ଷରୁ ସତର୍କ ଦୃଷ୍ଟି ଦିଆଯାଇଛି।  କୌଣସି ସନ୍ଦେହଜନକ ଗତିବିଧି ଦୃଷ୍ଟିକୁ ଆସିଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପୁଲିସ୍ ସାମଗ୍ରୀକ ଭାବେ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିୟା ସୂଚନା ଦେଇଛନ୍ତି। ସେ କହିଛନ୍ତି,

## - V/O –

## ଆଡପ ପହଣ୍ଡି ତଦନ୍ତ

**ପୁରୀ** ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କର ଆଡପ ପହଣ୍ଡି ବିଜେ ସମୟରେ ବଡଠାକୁର ରଥଉପରେ ପଡିଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଶ୍ରୀବଳଭଦ୍ରଙ୍କ ବାଡଗ୍ରାହୀଙ୍କୁ ଗତକାଲି ୩ ଜଣିଆ ତଦନ୍ତ କମିଟି ପଚରା ଉଚରା କରିଛି। ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀମନ୍ଦିର ନୀତି ପ୍ରଶାସକ ଏବଂ ପୁରୀ ସଦର ଉପଆରକ୍ଷୀ ଅଧିକ୍ଷକଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଆବଶ୍ୟକ ପଡିଲେ ଅନ୍ୟମାନଙ୍କୁ ପଚରାଉଚରା କରାଯିବା ନେଇ ତଦନ୍ତ କମିଟି ନିଷ୍ପତ୍ତି ନେଇଛି। ପରିଚାଳନା କମିଟିକୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ତଦନ୍ତ କମିଟି ପକ୍ଷରୁ କୁହାଯାଇଛି।

## ବିଏଡ୍ ନାମଲେଖା

ଚଳିତ ଶିକ୍ଷାବର୍ଷରେ ବିଏଡ୍, ବିଏଚ୍ଏଡ୍ ଏବଂ ଏମ୍ଏଡ୍ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଗତକାଲି ପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଆସନ୍ତା ୨୪ ତାରିଖରେ ପ୍ରକାଶ ପାଇ ୨୭ ରୁ ୨୯ ତାରିଖ ମଧ୍ୟରେ ନାମଲେଖା ହେବ। ତୃତୀୟ ମେଧା ତାଲିକା ଆସନ୍ତା ମାସ ୫ ତାରିଖରେ ପ୍ରକାଶ ପାଇବାକୁ ଦିନ ଧାର୍ଯ୍ୟ ହୋଇଛି। ୬, ୯ ଏବଂ ୧୦ ତାରିଖରେ ଏହି ମେଧା ତାଲିକାର ଛାତ୍ରଛାତ୍ରୀ ନାମ ଲେଖାଇବେ। ଏହାପରେ ଆସନ୍ତାମାସ ୧୭ ତାରିଖରେ ଚତୁର୍ଥ ମେଧା ତାଲିକା ପ୍ରକାଶ ପାଇବା ସହ ୧୮ ରୁ ୨୧ ତାରିଖ ମଧ୍ୟରେ ନାମଲେଖା କାର୍ଯ୍ୟ ଶେଷ ହେବ। ଆସନ୍ତାମାସ ୨୩ ତାରିଖରୁ ଏହି ତିନୋଟି ଯାକ ପାଠ୍ୟକ୍ରମର ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଧନୁଯାତ୍ରା କଂସଙ୍କ ପରଲୋକ

**ବରଗଡ଼** ଧନୁଯାତ୍ରାର ବରିଷ୍ଠ କଳାକାର ଗୋପାଳ ସାହୁଙ୍କର ଆଜି ଝାରସୁଗୁଡ଼ାର ଏକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ଧନୁଯାତ୍ରାରେ ଦୀର୍ଘ ୨୩ ବର୍ଷ ଧରି ସେ କଂସ ଭୂମିକାରେ ଅଭିନୟ କରି ପ୍ରଶଂସାର ପାତ୍ର ହୋଇଥିଲେ। ଏଥିସହ କେତେକ ଚଳଚ୍ଚିତ୍ରରେ ମଧ୍ୟ ସେ ଅଭିନୟ କରିଥିଲେ। ସେଗୁଡ଼ିକ ମଧ୍ୟରେ ସମ୍ବଲପୁରୀ ଚଳଚ୍ଚିତ୍ର ଭୂଖା ଏବଂ ସଲାବୁଢ଼ା ଆଦି ଅନ୍ତର୍ଭୁକ୍ତ। ତାଙ୍କ ବିୟୋଗରେ କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଗୋପାଳ

ସାହୁଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଦିବଂଗତ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୯ଟି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ପାଇଁ ସତର୍କ ସୂଚନା ଜାରି କରାଯାଇଛି।

*********************************